## ସଂକ୍ଷେପରେ

### ସ୍କୁଲ ରୂପାନ୍ତରଣ: ବର୍ଷେ ପରେ ବି ମିଳୁନି ପ୍ରାପ୍ୟ

**ଜମନକିରା, ୨୧।୬(ଡି.ଏନ.ଏ.):** ଜମନକିରା ବ୍ଲକ ସଦର ମହକୁମା ପଞ୍ଚାୟତ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ୫-ଟି ବିଭାଗ ପକ୍ଷରୁ ୨୦୨୧ ଏପ୍ରିଲରେ ଆରମ୍ଭ ହୋଇଥିଲା। ତେବେ ବର୍ଷେ ପରେ ବି ନିର୍ମାଣ କାମରେ ନିୟୋଜିତ ରାଜମିସ୍ତ୍ରୀ, ରଙ୍ଗ ମିସ୍ତ୍ରୀ, ଟାଇଲ ମିସ୍ତ୍ରୀ, ଠିକା କର୍ମଚାରୀ, ସାମଗ୍ରୀ ଯୋଗାଣ କରିଥିବା ସଂସ୍ଥା ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି। ଆସନ୍ତା ୧୫ଦିନ ମଧ୍ୟରେ ପ୍ରାପ୍ୟ ନ ମିଳିଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ନିର୍ଦ୍ଧାରିତ ସମୟରେ ସ୍କୁଲ କାମ ସାରିବାକୁ ନିର୍ଦ୍ଦେଶ ଥିବାରୁ ଉପଜିଲାପାଳଙ୍କଠାରୁ ଆରମ୍ଭ କରି ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଜୋରସୋରରେ ଲାଗିପଡିଥିଲେ। ବ୍ଲକ ପକ୍ଷରୁ ଜଣେ କନିଷ୍ଠଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ସମ୍ପୂର୍ଣ୍ଣ ବିଲ ପୈଠ କରିବା ପୂର୍ବରୁ ତାଙ୍କର ଅନ୍ୟ ବ୍ଲକକୁ ବଦଳି ହୋଇଯାଇଥିଲା। ଏପରି କି ବିଡ଼ିଓଙ୍କ ମଧ୍ୟ ବଦଳି ହୋଇଯାଇଥିଲା। ଯନ୍ତ୍ରୀ ଜଣକ ବିଭିନ୍ନ ଦୋକାନରୁ ସାମଗ୍ରୀ ଧାର ଆକାରରେ ନେଇ କାମ ତୁଲାଇଥିଲେ। ପ୍ରାପ୍ୟ ନ ମିଳିବା ସମ୍ପର୍କରେ ବିଡ଼ିଓ ଟୁନୁ ମେହେରଙ୍କୁ ପଚାରିବାରୁ ସେ ଗତକାଲି ଡିଆର୍‌ଡିଏରେ ଅଧିକାରୀଙ୍କ ସହ ଆଲୋଚନା ହୋଇଛି, ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ।

### ଆର୍ଥିକ ସଞ୍ଚୟ ସଚେତନତା ଶିବିର

**ଝାରସୁଗୁଡ଼ା ଅଫିସ, ୨୧।୬:** ଜିଲା ସ୍ୱଳ୍ପ ସଞ୍ଚୟ ତଥା ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟାଳୟ ପକ୍ଷରୁ ଆର୍ଥିକ ସଚେତନତା ଶିବିର ଦୁର୍ଲଗା ପଞ୍ଚାୟତ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ କଷ୍ଟ ଉପାର୍ଜିତ ଧନ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ। ଇଣ୍ଡିଆନ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ହରିଶ ସଜ୍ଜାନପୁ, ଏଲ୍‌ଡିଏମ୍ ସୁଧାଂଶୁ ଶେଖର ସାହୁ, ଦୁର୍ଲଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ସିଦ୍ଧେଶ୍ୱର ନାଏକ, ବ୍ରାଞ୍ଚ ପୋଷ୍ଟମାଷ୍ଟର ଶିବାନୀ ପଟେଲ ପ୍ରମୁଖ ସ୍ୱଳ୍ପ ସଞ୍ଚୟର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜିତା ପଣ୍ଡା ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଉପରେ କହିଥିଲେ। ସ୍ଥାନୀୟ ସରପଞ୍ଚ ପ୍ୟାରେଲାଲ ନାଏକ ଧନ୍ୟବାଦ ଦେଇଥିଲେ।

### ଡ଼ାଳ ପଡି ଜଣେ ମୃତ, ଉତ୍ତେଜନା

**କୁଆଁରମୁଣ୍ଡା, ୨୧।୬(ଡି.ଏନ.ଏ.):** ମଙ୍ଗଳବାର ଏକ ଆମ୍ବଗଛ କଟାଯିବା ବେଳେ ଡ଼ାଳ ପଡି ବୁଟୁ ଖଡିଆ (୩୦) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଝାରବେଡା ପଞ୍ଚାୟତର ରିଉଁ ଗ୍ରାମରେ ଏହି ଘଟଣା ଘଟିଛି। ପ୍ରକାଶ ଯେ, ରିଉଁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ବାଡିରେ ଥିବା ଆମ୍ବଗଛ ଡାଳକୁ ଗଛ କଟାଳୀମାନେ କାଟୁଥିବା ସମୟରେ ତଳେ ରହି ୨ ଜଣ ମଜୁରିଆ ଉକ୍ତ ଡାଳକୁ ଦଉଡିରେ ଟାଣୁଥିଲେ। ହେଲେ ଦଉଡିଟି ଛିଣ୍ଡିଯିବା ଯୋଗୁ ମଜୁରିଆ ବୁଟୁ ତଳେ ପଡିଯିବା ସହ ଗଛ ଡାଳ ତାଙ୍କ ମୁଣ୍ଡ ଉପରେ ପଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ବୁଟୁଙ୍କ ଘର ରିଉଁ ଗ୍ରାମରେ ହୋଇଥିବାରୁ ତାଙ୍କର ପରିବାର ଓ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ହୋ ହଲ୍ଲା କରିବା ସହ ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ। ଉତ୍ତେଜନା ଦେଖାଦେବାରୁ ଘର ମାଲିକ କୁଆଁରମୁଣ୍ଡା ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ରାଉରକେଲା ସରକାରୀ ଡାକ୍ତରଖାନା ଶବାଗାରରେ ରଖିଛି। ଏନେଇ ପୋଲିସ ଦଫା ୩୦୪(ଏ)ରେ ଏକ ମାମଲା(୧୩୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ସକାଳ ୮ଟାରେ ଘଟିଥିବା ବେଳେ ଗଛ ମାଲିକ ପୋଲିସକୁ ଅପରାହ୍ନ ୩ଟାରେ ଖବର ଦେଇଥିବା ଫାଣ୍ଡି ପୋଲିସ କହିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ଗ୍ରାମବାସୀ ମୃତ ବୁଟୁଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଛନ୍ତି।

# ‘ପୋଖରୀ ଉନ୍ନତି ପାଇଁ ଡିପିଆର୍ କର’

## ଏସ୍‌ଏମ୍‌ସି କମିଶନରଙ୍କ ୪୦ନଂ. ୱାର୍ଡ ଗସ୍ତ

**ସମ୍ବଲପୁର, ୨୧।୬(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ ସାହୁ ମଙ୍ଗଳବାର ୪୦ନଂ. ୱାର୍ଡ ପରିଦର୍ଶନ କରି ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରଥମେ ସେ ଶୈବ ପୀଠ ମାନେଶ୍ୱର ମାନଧାତା ବାବା ମନ୍ଦିରକୁ ଯାଇଥିଲେ। ସେଠାରେ ମନ୍ଦିର ଟ୍ରଷ୍ଟ କର୍ମକର୍ତ୍ତାଙ୍କ ବୈଠକ କରିଥିଲେ। ଟ୍ରଷ୍ଟ ପକ୍ଷରୁ ପୋଖରୀ ସଫା, ପୋଖରୀରେ ପଥର ପ୍ୟାକିଂ, ପାର୍କର ଉନ୍ନତି, ପାଣି ସମସ୍ୟା ସମାଧାନ, ସାମୂହିକ ଶୌଚାଳୟ କାର୍ଯ୍ୟକ୍ଷମ କରିବା ଭଳି ଦାବି କରାଯାଇଥିଲା। ଟ୍ରଷ୍ଟକୁ ପରାମର୍ଶ ଦେଇ କମିଶନର କହିଥିଲେ, କଲ୍ୟାଣ ମଣ୍ଡପ, ପାର୍କ, ବିଶ୍ରାମ ଗୃହକୁ ବ୍ୟବହାର କରି ମନ୍ଦିର ରାଜସ୍ୱ ବୃଦ୍ଧି କର। ଫଳରେ ଏହା ବ୍ୟବହାର ଉପଯୋଗି ମଧ୍ୟ ହୋଇପାରିବ। ପରେ ୧ କୋଟି ୫୦ ଲକ୍ଷ ବ୍ୟୟ ଅଟକଳରେ ହୋଇଥିବା ରାଣନପୁର କଲ୍ୟାଣ ମଣ୍ଡପକୁ ଯାଇଥିଲେ। ସେଠାରେ ପାର୍କିଂ, ଲନ୍, ବିଦ୍ୟୁତ୍ ସମସ୍ୟା ଉପରେ ଆଲୋଚନା କରି ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଣନପୁର ଗ୍ରାମ ପରିଦର୍ଶନ ସମୟରେ ପୋଖରୀ ପୁନଃ ଉଦ୍ଧାର ପାଇଁ ଗ୍ରାମବାସୀ ଦାବି କରିଥିଲେ। ବିଭାଗୀୟ ଜେଇଙ୍କୁ ଶୀଘ୍ର ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସାମୂହିକ ବିକାଶ ପାଇଁ ଲୋକଙ୍କ ସହଭାଗିତା ଆବଶ୍ୟକ। ତେଣୁ ଅଞ୍ଚଳବାସୀ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ହରିଶଙ୍କର ପୁରୋହିତ, ସୁଦର୍ଶନ ମହାପାତ୍ର, ମାନସ ରଞ୍ଜନ ପଣ୍ଡା, ମନୋଜ ପାଣିଗ୍ରାହୀ ପ୍ରମୁଖ ଆଲୋଚନା କରିଥିବା ବେଳେ ମହାନଗର ନିଗମର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।


ଏସ୍‌ଏମ୍‌ସି କମିଶନର ୪୦ନଂ. ୱାର୍ଡ ପରିଦର୍ଶନ କରୁଛନ୍ତି।

# କୁଚିଣ୍ଡାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ

**କୁଚିଣ୍ଡା, ୨୧।୬(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପଞ୍ଚମୁଖି ଛକ ନିକଟସ୍ଥ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାରରେ ଥିବା ଭାଜପା ନିର୍ଦ୍ଦେଶରେ ପୋଲିସ ନୂଆଦିଲ୍ଲୀସ୍ଥିତ ଜାତୀୟ କଂଗ୍ରେସ ଭବନରେ ପଶି ହିଂସାତ୍ମକ ଆକ୍ରମଣ କରିଥିବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ବ୍ଲକ ସଭାପତି ଲବଣୀଧର ନାଏକ, ସଞ୍ଜୟ ମହାନନ୍ଦ, ଆଶିଶ ପ୍ରତାପ ସିଂ, ଯତୀନ୍ଦ୍ର ସାହୁ, କୁନ୍ଦନ ସାହୁ, ଦିଲିପ ପଟେଲଙ୍କ ସମେତ ବହୁ କଂଗ୍ରେସ କର୍ମୀ ବିକ୍ଷୋଭରେ ସାମିଲ ଥିଲେ।

# ଜିଲାସ୍ତରୀୟ ରଜ ମହୋତ୍ସବ


ମ୍ୟୁଜିକ ଚେୟାରରେ ଭାଗ ନେଇଥିବା ବାଳିକାମାନେ।

**ସମ୍ବଲପୁର, ୨୧।୬(ବ୍ୟୁରୋ)**

ଗଣପର୍ବ ରଜ ତପସ୍ୱିନୀ ପ୍ରେକ୍ଷାଳୟଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨ବର୍ଷ ଫିକା ପଡିଥିବା ରଜ ମଉଜକୁ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଉପଭୋଗ କରିଥିଲେ। ରଜ ଦୋଳି ସହ ସୁଆଦିଆ ପିଠା, ପାନ ଖାଇ ମଜା ନେଇଥିଲେ। ଏହି ଉପଲକ୍ଷେ ଝୋଟି, ମ୍ୟୁଜିକ ଚେୟାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପର୍ବ ଭୁଦେବୀଙ୍କ ଉତ୍ସବ ବୋଲି କହିଥିଲେ। ଅନ୍ୟତମ ଅତିଥି ପର୍ଯ୍ୟଟନ ବିଭାଗର ଉପ ନିର୍ଦ୍ଦେଶକ ତଥା ଉପ ସଚିବ ହେମନ୍ତ କୁମାର ପ୍ରଧାନ ଏହାକୁ କୃଷି ପର୍ବ ଭାବେ ଅଭିହିତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ତ୍ରିଦେବ ପ୍ରଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ ଉପସ୍ଥିତ ଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**କୁଚିଣ୍ଡା, ୨୧।୬(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତର ବାଙ୍କେ ଓ ତମନଗୋଡା ଗ୍ରାମରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ପ୍ରସ୍ତାବିତ ଜଳବିଭାଜିକା ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ ପାଇଁ ମଙ୍ଗଳବାର କୁଚିଣ୍ଡା ଉପଜିଲାପାଳଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ କୁଚିଣ୍ଡା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଦୁଇ ଗ୍ରାମରେ ଜଳବିଭାଜିକା ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଛି। ସରକାରୀ ନିୟମ ମୁତାବକ ଗତ ତା୩୧।୫।୨୨ରେ ଉଭୟ ଗ୍ରାମର ଅଧିବାସୀଙ୍କୁ ନେଇ ବାଙ୍କେଠାରେ ଏକ ଜଳବିଭାଜିକା ପରିଚାଳନା କମିଟି ଗଠନ କରାଯାଇଥିଲା। ମୃତ୍ତିକା ସଂରକ୍ଷଣ ବିଭାଗର ଜଳବିଭାଜିକା ଅଧିକାରୀ ମହେନ୍ଦ୍ର ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଦୁଇଗ୍ରାମର ଲୋକଙ୍କ ସହ ସ୍ଥାନୀୟ ସମିତିସଭ୍ୟ ଓ ଜିଲାପରିଷଦ ସଭ୍ୟଙ୍କ ଉପସ୍ଥିତିରେ କମିଟି ଗଠନ ହୋଇଥିଲା। ମାତ୍ର ପରେ କେତେଜଣ ଲୋକ ଏହାକୁ ବିରୋଧ କରି ଆଉଥରେ କମିଟି ଗଠନ ପାଇଁ ଉପଜିଲାପାଳ, ବିଡିଓ ଓ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କୁ ପତ୍ରାଳାପ କରିଥିଲେ। ଉପଜିଲାପାଳ ତଦନ୍ତ କରିବାରେ ନିୟମ ମୁତାବକ କମିଟି ଗଠନ ହୋଇଥିବା ସ୍ପଷ୍ଟ ହୋଇଥିଲା। ତେଣୁ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସେମାନେ ଉପଜିଲାପାଳ, ବିଡିଓ ଓ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। କିଛି ଖଳ ପ୍ରକୃତିର ଲୋକ ନିଜ ସ୍ୱାର୍ଥ ସାଧନରେ ବିଫଳ ହେବାରୁ ଏଭଳି ମିଥ୍ୟା ଅଭିଯୋଗ କରିଥିବା ପ୍ରଦତ୍ତ ଦାବିପତ୍ରରେ ଦର୍ଶାଯାଇଛି। ଦାବିପତ୍ର ଦେବା ସମୟରେ ସନ୍ତୋଷ କିଷାନ, ଆଶିଷ କୁଆ, ୱାର୍ଡ ସଭ୍ୟ ଶଶୀ କିଷାନ, ସନୁ କିଷାନ, ସମୀର ବାଘ, ଶୁକ୍ରୁ କିଷାନ, ଦିଲିପ କିଷାନ, ସୁଗ୍ରୀ କିଷାନ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର ବୋଝେଇ ଭ୍ୟାନ ଜବତ

**ରେଢାଖୋଲ, ୨୧।୬(ଡି.ଏନ.ଏ.)**

ରେଢାଖୋଲ ବନ ବିଭାଗ ସୋମବାର ରାତିରେ ଚଢାଉ କରି କେନ୍ଦୁପତ୍ର ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ହେଲେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସୂଚନାମତେ ପିକଅପ୍ ଭ୍ୟାନ (ଓଆର୍‌ଏମ୍-୩୭୮୬) ଯୋଗେ ସୋମବାର ବିଳମ୍ବିତ ରାତିରେ କେନ୍ଦୁପତ୍ର ଚୋରା ଚାଲାଣ ହେଉଥିବା ନେଇ ଡିଏଫ୍‌ଓ ଖବର ପାଇ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବଡମାଳ ରେଞ୍ଜର ପ୍ରଦୀପ ସେଠୀ, ଫରେଷ୍ଟର ସୁନୀଲ ମିର୍ଦ୍ଧା ସଦଳବଳ ଚଢାଉ କରି ବଡମୁଗପାଳ ଗ୍ରାମ ନିକଟରେ ଭ୍ୟାନ ସହ ୩୦୬ ବିଡା କେନ୍ଦୁପତ୍ର ଜବତ କରିଥିଲେ।

# ରାଜଘାଟ ସ୍ଥାନାନ୍ତର ପାଇଁ ଜବରଦଖଲ ଉଚ୍ଛେଦ



ମନ୍ଦଲିଆଠାରେ ଘର ଭଙ୍ଗାଯାଉଛି।

**ସମ୍ବଲପୁର, ୨୧।୬(ବ୍ୟୁରୋ)**

ସମ୍ବଲପୁର ସମଲେଇ ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ମନ୍ଦିର ଉନ୍ନତୀକରଣ ପାଇଁ ସରକାର ସମଲେଇ ଯୋଜନା ଘୋଷଣା କରି କାମ ଆରମ୍ଭ କରିଛନ୍ତି। ଏହି ଯୋଜନାରେ କମଲିବଜାର ନିକଟରେ ଥିବା ରାଜଘାଟ ମଧ୍ୟ ମାଟିରେ ମିଶିବ। ରାଜଘାଟ ସ୍ଥାନାନ୍ତର ପାଇଁ ମନ୍ଦଲିଆଠାରେ ଜବରଦଖଲ ଉଚ୍ଛେଦ କରାଯାଇଛି। ମଙ୍ଗଳବାର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଘର ଭଙ୍ଗା ଯାଇଥିଲା। ପ୍ରାୟ ୨୫ ପରିବାର ପ୍ରଭାବିତ ହୋଇଛନ୍ତି। ସେମାନଙ୍କୁ କାନିଜୁରୀ ଠାରେ ରହିବାକୁ କୁହାଯାଇଛି। ସରକାରୀ ସୁବିଧା ମଧ୍ୟ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ରାଜଘାଟ ସ୍ଥାନାନ୍ତର ଖବର ଜାଣିବା ପରେ ଏହି ୨୫ ପରିବାର ବିରୋଧ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ ଆଲୋଚନା କରି ସମାଧାନ କରାଯାଇଥିଲା। ରାଜଘାଟ ଭାଙ୍ଗିବା ପୂର୍ବରୁ ନୂତନ ରାଜଘାଟ ନିର୍ମାଣ କରାଯିବ। ଏହାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

# ଶରୀର ନୀରୋଗ ପାଇଁ ଯୋଗ

**ଝାରସୁଗୁଡ଼ା ଅଫିସ୍, ୨୧।୬**


ମନମୋହନ ସ୍କୁଲ୍ ପଡିଆରେ ଆୟୋଜିତ ଯୋଗ ଶିବିର।

ଝାରସୁଗୁଡ଼ା ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମଙ୍ଗଳବାର ଆନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଭିଜ୍ଞ ପ୍ରଶିକ୍ଷକ ଯୋଗଦେଇ ନିୟମିତ ଯୋଗକରି ଶରୀରକୁ ନୀରୋଗ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଝାରସୁଗୁଡା ମନମୋହନ ସ୍କୁଲ୍ ପଡିଆରେ ଆୟୋଜିତ ଶିବିରରେ ୨୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାମିଲ ହୋଇଥିଲେ। ଏଥିରେ ଓଏସ୍‌ଏପି ୨ୟ ବାଟାଲିୟନ କମାଣ୍ଡାଣ୍ଟ ଆଶିଷ ଦୁବେ, ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ସଂଘ ସଭାପତି ଟହଲୁ ସାହୁ, ବାଳଗୋବିନ୍ଦ ମିଶ୍ର, ଅଶୋକ ଗାନ୍ଧୀ, ପବନ ସୁଲତାନିଆ, ମହେନ୍ଦ୍ର କେଡିଆ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଏଠାରେ ବାଙ୍ଗାଲୋର ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷକ ଦୀପକ ଚୌଧୁରୀ ପ୍ରଶିକ୍ଷଣ ଦେଇଥିଲେ। ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଶିବିରରେ ଜିଲା ଦୌରାଜଜ୍ ନିତିଶ ନିଶାଙ୍କ, ପୋକ୍‌ସୋ କୋର୍ଟ ମାଜିଷ୍ଟ୍ରେଟ୍ ମଦନଲାଲ କେଡିଆ, ହରପ୍ରସାଦ ପଟ୍ଟନାୟକ, ସତ୍ୟବ୍ରତ ମିଶ୍ର, ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ ପ୍ରମୁଖ ଉପସ୍ଥିତ ଥିଲେ। ପତଞ୍ଜଳି ଯୋଗ ସମିତି ସଦସ୍ୟ ବବନ ସିଂହ ପ୍ରଶିକ୍ଷଣ ଦେଇଥିଲେ। ଡିଏଭି ସ୍କୁଲ୍ ପରିସରରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ଅଭିଭାବକ ଓ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ। ପଞ୍ଚପଡା ଶିଶୁ ବିଦ୍ୟାମନ୍ଦିରରେ ସମ୍ପାଦକ ଦିଗାମ୍ବର ମାଝି ଯୋଗ ଶିବିର ସଂଯୋଜନା କରିଥିଲେ। ଓପିଜିସି କଲୋନୀ ପରିସର ଇକ୍ କ୍ଲବ୍ ତରଫରୁ ଆୟୋଜିତ ଶିବିରକୁ କ୍ଲବ୍‌ର ବରିଷ୍ଠ ସଦସ୍ୟ ରାଜ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ପତଞ୍ଜଳି ଯୋଗ ସମିତି ସଦସ୍ୟ ଡାକେଶ୍ୱର ଖମାରୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବନ୍ଧବାହାଲ ସରସ୍ୱତୀ ଶିଶୁ ମନ୍ଦିର, ବେଲପାହାଡ ଆଦର୍ଶ ସରକାରୀ ବାଳିକା ହାଇସ୍କୁଲ୍, ବେଲପାହାଡ ଏଜିଜି ହାଇସ୍କୁଲ୍, ରଘୁନାଥପାଲି ଜଗନ୍ନାଥ ମନ୍ଦିର ପରିସରରେ କୋଲାବିରା ବ୍ଲକ୍‌ସ୍ତରୀୟ ଯୋଗ ଦିବସ ପାଳନ କରାଯାଇଥିଲା। ଏଥିରେ ପତଞ୍ଜଳି, ଗାୟତ୍ରୀ ଓ ଆର୍‌ଏସ୍‌ଏସ୍ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ମୌଳିକ ଭାଷା, ସଂଖ୍ୟାଜ୍ଞାନ ଉପରେ ତାଲିମ



ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

**ସମ୍ବଲପୁର, ୨୧।୬(ବ୍ୟୁରୋ)**

ସମ୍ବଲପୁର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଉପରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ପ୍ରଶାସନ ଓ ଜାତୀୟ ଶୈକ୍ଷିକ ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂଆଦିଲ୍ଲୀ ପକ୍ଷରୁ ଆୟୋଜନ ହୋଇଥିଲା। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ବିଦ୍ୟାଳୟ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପୂର୍ବକ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶ ପାଇଁ ଏହା ସୁଯୋଗ ସୃଷ୍ଟି କରିବ। ତୃତୀୟ ଶ୍ରେଣୀ ସୁଦ୍ଧା ସମସ୍ତ ଛାତ୍ରୀଛାତ୍ର ସର୍ବନିମ୍ନ ଭାଷା ଓ ସଂଖ୍ୟାଜ୍ଞାନ ଉପରେ ଦକ୍ଷତା ହାସଲ କରିବେ। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶକ ଜେ.ପି. ପାଣ୍ଡେ, ଏଡିଏମ୍ ଉମାକାନ୍ତ ରାଜ, ଜିଲା ଶିକ୍ଷା ଅଧିକାରିଣି ମୀନାରାଣି ମଣ୍ଡଳ, ଏନସିଇଆରଟି ପ୍ରଫେସର ସୁନିତି ସାନୱାଲ, ପ୍ରଫେସର ଇନ୍ଦ୍ରାଣି ବାଦୁରି, ପ୍ରଫେସର ଅନୂପ କୁମାର ରାଜପୁତ, ଯୁବ ଶିକ୍ଷା ବୈଜ୍ଞାନିକ ଏ. ରହମାନ ଯୋଗ ଦେଇଥିଲେ। ଅନୁଷ୍ଠାନରୁ ଆସିଥିବା ବରିଷ୍ଠ ଓ ଅଭିଜ୍ଞମାନେ ଜିଲାର ୯୨ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ଅରୁଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଁକାର ଧ୍ୱନିରେ ଗୁଞ୍ଜରିତ ହେଲା ସହର

**ସମ୍ବଲପୁର, ୨୧।୬(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମଙ୍ଗଳବାର ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଓମ୍‌କାର ଧ୍ୱନିରେ ଗୁଞ୍ଜରିତ ହୋଇଥିଲା ସହର। ମହାନଦୀ କୋଇଲା କମ୍ପାନୀର ଜାଗୃତି ବିହାର ମୁଖ୍ୟାଳୟ ସମେତ ବିଭିନ୍ନ କ୍ଷେତ୍ରରେ ଏହି ଦିବସ ପାଳନ ହୋଇଥିଲା। କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍‌ପ୍ରକାଶ ସିଂ, ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବୈଷୟିକ ଯୋଜନା ଓ ପରିଯୋଜନା ନିର୍ଦ୍ଦେଶକ ଯୁଗଳ କିଶୋର ବୋରା, ସତର୍କତା ମୁଖ୍ୟ ବି.କେ. ପଟେଲ ଏଥିରେ ସାମିଲ ହୋଇଥିଲେ। ରେଳବାଇ କମ୍ୟୁନିଟି ହଲଠାରେ ରେଳମଣ୍ଡଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଓ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ସାମିଲ ହୋଇ ଯୋଗ ବିଷୟରେ ସୂଚନା ଦେଇଥିଲେ।

ସେହିପରି ଆଦିତ୍ୟ ଆଲୁମିନିୟମ କମ୍ପାନୀର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶ୍ୱେତା ଉପାଧ୍ୟାୟଙ୍କ ପରିଚାଳନାରେ ଲପଙ୍ଗା ହାଇସ୍କୁଲ ପଡିଆରେ ଯୋଗ ଦିବସ ପାଳନ ହୋଇଥିଲା। ଯୋଗଗୁରୁ ରାଜାରାମ ନାୟକ ଓ ମମତା ନାୟକ ପ୍ରଶିକ୍ଷଣ ଦେଇଥିଲେ। ଭାଲୁପାଲିସ୍ଥିତ ରୟାଲ ଗ୍ରିନ୍‌ସ ପଡିଆରେ ଆୟୋଜିତ ଯୋଗ ସହ ରାଜଯୋଗ କାର୍ଯ୍ୟକ୍ରମକୁ ବ୍ରହ୍ମକୁମାରୀ ଆରତୀ ସଂଯୋଜନା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ମୁଖ୍ୟ ଅତିଥି ଓ ଡିଏଫ୍‌ଓ ବିଶ୍ୱନାଥ ନିଳାମ୍ବର ସମ୍ମାନିତ ଅତିଥି, ରାଜଯୋଗିନୀ ବ୍ରହ୍ମକୁମାରୀ ପାର୍ବତୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନ ସହ ଯୋଗର ସଂପୃକ୍ତି ବିଷୟରେ କହିଥିଲେ।



ବ୍ରହ୍ମକୁମାରୀ ପକ୍ଷରୁ ଆୟୋଜିତ ଯୋଗ ଦିବସରେ ଅତିଥିମାନେ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ

**ସୁନ୍ଦରଗଡ, ୨୧।୬ (ଡି.ଏନ୍.ଏ.):** ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅମୃତଲାଲ ନାୟାର ଷ୍ଟାଡିୟମଠାରେ ସୁନ୍ଦରଗଡ କ୍ଲବ ଏବଂ ଜିଲା ପ୍ରଶାସନର ସହଯୋଗରେ ମଙ୍ଗଳବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ଯୋଗ ଦେଇଥିଲେ। ଉତ୍ତରପ୍ରଦେଶର ରାଜ୍ୟସଭା ସଦସ୍ୟ ବିଜୟପାଲସିଂ ତୋମାରେ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ତଳସରା ବିଧାନସଭା ସଦସ୍ୟ ଭବାନୀ ଶଙ୍କର ଭୋଇ, ପୌରାଧକ୍ଷା ତନୟା ମିଶ୍ର ଓ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଯୋଗର ମହତ୍ତ୍ୱ ଏବଂ ସୁସ୍ଥ ଜୀବନ ଓ ସୁସ୍ଥ ସମାଜ ଗଠନରେ ଯୋଗାଭ୍ୟାସର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ। ଯୋଗାଚାର୍ଯ୍ୟ ଡ. ହରିଭାଇ ଆର୍ଯ୍ୟାନ ଶିବିରରେ ଯୋଗଦେଇ ଯୋଗାଭ୍ୟାସ କରାଇବା ସହ ସୁସ୍ଥ ଜୀବନଶୈଳୀ ପାଇଁ ବିଭିନ୍ନ ପ୍ରକାର ଯୋଗ ଓ ପ୍ରାଣାୟାମ ସଂପର୍କରେ ଧାରଣା ଦେଇଥିଲେ। ସରକାରୀ ମହାବିଦ୍ୟାଳୟର ଅଧ୍ୟାପିକା ସୁସ୍ମିତା ଭୋଇ, ଅଧ୍ୟାପିକା ନାଜନିନ୍ ଆଜାଦ ଏହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସୁନ୍ଦରଗଡ କ୍ଲବର ସଂପାଦକ ଅମୀୟ ପଟ୍ଟନାୟକ, ସଞ୍ଜୟ ବହିଦାର, ବିଭୂତେନ୍ଦ୍ର ଠାକୁର, ଭାରତୀ ଠାକୁର, ପତଞ୍ଜଳି ଯୋଗସମିତିର ସ୍ନେହଲତା ପଟେଲ, ବନମାଳୀ ନାଏକ, ବାସନ୍ତି ପଟେଲ, ଧୀରଜ ଅଗ୍ରୱାଲ, ଅନୀଲ ପଣ୍ଡା, କୁମୁଦ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

## ସତ୍ୟସାଇ ସେବା ସଂଗଠନର ରକ୍ତଦାନ ଶିବିର

ଟିଟିଲାଗଡ,(ଡି.ଏନ.ଏ.): ଟିଟିଲାଗଡ ସତ୍ୟସାଇ ସେବା ସଂଗଠନ ବଡ଼ମାଲ ଭଜନ ମଣ୍ଡଳୀଠାରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଅମୃତବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୨୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଟିଟିଲାଗଡ ରକ୍ତ ଭଣ୍ଡାର ର କର୍ମଚାରୀ ଗଜେନ୍ଦ୍ର ନାଥ ରାଉତ, ନରେନ୍ଦ୍ର କୁମାର ପଣ୍ଡା ରକ୍ତ ସଂଗ୍ରହ କରିଥିଲେ।



## ସଂକ୍ଷେପରେ

### ଅଗ୍ନିପଥକୁ ନେଇ ବାଲୁକା କଳା



ଯୁବସମାଜର ଭବିଷ୍ୟତ ନାମରେ ନିର୍ମାଣ ବାଲୁକା କଳା।

କର୍ଲାମୁଣ୍ଡା,୨୧।୬(ଡି.ଏନ.ଏ.): ଅଗ୍ନିପଥ ଯୋଜନାକୁ ନେଇ ବର୍ତ୍ତମାନ ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଚାଲିଛି । ଏହି ଯୋଜନାରେ ନିଯୁକ୍ତି ପାଇବାକୁ ଥିବା ଅଗ୍ନିବୀରମାନେ ମାତ୍ର ଚାରି ବର୍ଷ ଚାକିରୀ କରିବେ, ତାପରେ କ'ଣ ହେବ ବୋଲି ଅଭିଯୋଗ କରି ଆନ୍ଦୋଳନ ହେଉଥିବା ବେଳେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତ ଗ୍ରାମର ଯୁବ ବାଲୁକା ଶିଳ୍ପୀ ଓଁମ ପ୍ରକାଶ ସାହୁ ଏହାକୁ ନେଇ ବାଲୁକାକଳାରେ ସୁନ୍ଦର ଚିତ୍ର ନିର୍ମାଣ କରିଛନ୍ତି। ଯୁବସମାଜର ଭବିଷ୍ୟତ ନାମରେ ସେ ନିର୍ମାଣ କରିଥିବା ଏହି କଳା ମାଧ୍ୟମରେ ଆହ୍ୱାନ କରିଛନ୍ତି କି ଯେ ଆନ୍ଦୋଳନକାରୀମାନେ ହିଂସାତ୍ମକ ଆନ୍ଦୋଳନ ନ କରି ଗଣତାନ୍ତ୍ରିକ ଭାବେ ନିଜ ମତ ରଖି ଏହି ଯୋଜନା ଉପରେ ତର୍କ କରନ୍ତୁ।

### ୬ ମାସ ଗଲାନି, କଂକ୍ରିଟ ରାସ୍ତା ଶୋଚନୀୟ

ଲୋଇସିଂହା,୨୧।୬(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଠାକୁରପାଲି ଗ୍ରାମର ପ୍ରଧାନମନ୍ତ୍ରୀ ସଡକ ରାସ୍ତାରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ୬ ମାସ ତେଳେ ନିର୍ମାଣ କରାଯାଇଥିଲା। ହେଲେ ନିମ୍ନମାନର କାମ ହୋଇଥିବାରୁ ଉକ୍ତ ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ବିଜୁ କେବିକେ ଯୋଜନାରେ ୫ ଲକ୍ଷ ବ୍ୟୟ ଅଟକଳରେ ପ୍ରାୟ ଶହେ ମିଟର ରାସ୍ତା କଂକ୍ରିଟକରଣ କରାଯାଇଥିଲା। ବିଭାଗୀୟ କାମ ହୋଇଥିଲେ ସୁଦ୍ଧା ବାହାର ଅଞ୍ଚଳର ଜଣେ ବ୍ୟକ୍ତି ଉକ୍ତ କାମ କରିଥିଲେ । ଚିପ୍ସ ଅନୁପାତରେ ବାଲି ସିମେଣ୍ଟ ମିଶ୍ରଣରେ ଅନିୟମିତତା ହୋଇଥିବା ଚୁଟୁ ବିଶ୍ୱାଳ, ସୁଦାମ ବିଶ୍ୱାଳ, ଯଶୋବନ୍ତ ନାଏକ, ବିନ୍ଦୁ ବିଶ୍ୱାଳ, କିଶୋର ପଟେଲ ପ୍ରମୁଖ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି।

### ଅବସରପ୍ରାପ୍ତ ଜିଲାପାଳ ଦିନନାଥ ପଣ୍ଡାଙ୍କ ପରଲୋକ

ବୋଡେନ/ଖଡିଆଲ,୨୧।୬(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ କରଙ୍ଗାମଲ ଗ୍ରାମର ପୂର୍ବତନ ଜିଲାପାଳ ଦିନନାଥ ପଣ୍ଡାଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ମଙ୍ଗଳବାର ସକାଳ ପ୍ରାୟ ୬ଟା ୩୦ ମିନିଟରେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ପାଖରେ ୨ ପୁଅ ଆଶିଷ, ସତୀଶ, ୨ ବୋହୂ ସଂଯୁକ୍ତା, ପ୍ରଣତୀ ଓ ୩ ନାତୁଣୀ ମିଳି, ମିସି ଓ ଅନନ୍ୟା ଉପସ୍ଥିତ ଥିଲେ। ପୁରୀ ସର୍ଗଦ୍ୱାରରେ ତାଙ୍କର ଦାହ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଆଶିଷ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ନୂଆପଡ଼ା ଜିଲା ସହ ରାଜ୍ୟର ବିଭିନ୍ନ ବ୍ୟକ୍ତି ବିଶେଷ ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ପଣ୍ଡା ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ପରେ ଖଡିଆଲ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲରେ ମାଧମିକ ଶିକ୍ଷା ଗ୍ରହଣ କରିଥିଲେ। ସମ୍ବଲପୁରରେ ଗ୍ରାଜୁଏଟ ପରେ ୧୯୬୧ରେ ରେଭେନ୍ସାରୁ ସ୍ନାତକ ପାସ କରିଥିଲେ। ଏହା ପରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦାନ କରିଥିଲେ। ସେ ଗଞ୍ଜାମ ଜିଲାର ଜିଲାପାଳ ରହିବା ସହ ଅବକାରୀ କମିଶନର ଓ ଅନ୍ୟାନ୍ୟ ପଦପଦବୀରେ କାର୍ଯ୍ୟ ତୁଲାଇଥିଲେ। ସେ ଜଣେ ଭାରତୀୟ ପ୍ରଶାସନିକ ସେବାର ଜଣେ ଦକ୍ଷ ପ୍ରଶାସକ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ଛାୟା ଖେଳିଯାଇଛି।



# ଶୁଷ୍କାଞ୍ଚଳର ସବୁଜ ଦମ୍ପତି

ବଲାଙ୍ଗୀର ଅଫିସ, ୨୧।୬

ମୁରିବାହାଲ ବ୍ଲକ ବଲାଙ୍ଗୀର ଜିଲାର ଏକ ଶୁଷ୍କାଞ୍ଚଳଭାବେ ପରିଚିତ। ଏହି ଅଞ୍ଚଳରେ ଜଳସେଚନର ସୁବିଧା ନାହିଁ। ପ୍ରତିବର୍ଷ ଏହି ଅଞ୍ଚଳରୁ ହଜାର ହଜାର ଲୋକ ପରିବାର ସହ ଜୀବିକା ଅନ୍ୱେଷଣରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଆନ୍ତି। ତେବେ ଏଭଳି ଏକ ଅଞ୍ଚଳରେ ଚାଷର ନୂଆ ପରିଭାଷା ଲେଖି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ତେତେଲଖୁଣ୍ଟି ଗ୍ରାମର ଏକ ସାଧାରଣ ଦମ୍ପତି। କିଛିବର୍ଷ ପୂର୍ବରୁ ଦାଦନ ଖଟି ଯିବାକୁ ବାଧ ହେଉଥିବା ଏହି ଦମ୍ପତି ଏବେ ଶୁଷ୍କାଞ୍ଚଳର ସବୁଜ ଦମ୍ପତିଭାବେ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ପ୍ରେରଣା ଉତ୍ସ।

ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଅନ୍ତର୍ଗତ ତେତେଲଖୁଣ୍ଟି ଗ୍ରାମର ଗୌରାଙ୍ଗ ପଟ୍ଟନାୟକ ଓ ବୈଦେହୀ ପଟ୍ଟନାୟକ ଭୂମିହୀନ ଦମ୍ପତି। ଦିନ ମଜୁରିଆ ଭାବେ ନିଜ ପିତାମାତା, ସ୍ତ୍ରୀ ଓ ତିନି ପୁଅଙ୍କୁ ନେଇ ବଡକଷ୍ଟରେ ଚଳୁଥିଲେ ଗୌରାଙ୍ଗ। ୨୦୧୦ମସିହାରେ ଗୌରାଙ୍ଗ ଓ ବୈଦେହୀ ପିଲାଛୁଆଙ୍କୁ ଧରି ଦାଦନ ଖଟିବାକୁ ଛତିଶଗଡ ରାଜଧାନୀ ରାୟପୁର ଉପକଣ୍ଠରେ ଥିବା ଏକ କୁକୁଡା ଫାର୍ମକୁ ଯାଇଥିଲେ। କୁକୁଡା ଫାର୍ମକୁ ଲାଗି କରି ଥଲା କେତେକ ଚାଷୀଙ୍କ କୃଷିଫାର୍ମ। ଉଦ୍ୟାନ କୃଷି କିଭଳି ଲାଭଦାୟକ ପାଖରୁ ଦେଖନ୍ତି ପଟ୍ଟନାୟକ ଦମ୍ପତି। ପନିପରିବା ଚାଷରୁ ବେଶ୍ ଦୁଇପଇସା ଆୟ କରି ସ୍ୱାଭିମାନର ଜୀବନ ବିତାଇ ହେବ ଏହା ସେଠାରେ ଶିକ୍ଷା କରନ୍ତି। ଶେଷରେ ସେମାନେ ଗାଁକୁ ଫେରିଆସି ଜମି ଲିଜ୍ ନେଇ ପରିବା ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ଗାଁର ଜଣେ ବ୍ୟକ୍ତିଙ୍କଠାରୁ ୨୦ହଜାର ଟଙ୍କାରେ କଙ୍କଡା ଯୋର ନିକଟରେ ପ୍ରାୟ ୪ଏକର ଜମି ଲିଜ୍ ନେଇ ପ୍ରଥମ ବର୍ଷ କରନ୍ତି ତରଭୁଜ ଚାଷ। ଭଲ ଫସଲ ହେଲା, ଲାଭ ବି ମିଳିଲା। ଏହା ପରବର୍ଷ ତରଭୁଜ ଚାଷ ଭଲ ହେଲାନାହିଁ। ଏହି ସମୟରେ ସ୍ଥାନୀୟ ଅଞ୍ଚଳରେ କାମ କରୁଥିବା ଏକ ସ୍ୱେଚ୍ଛାସେବୀ ସଂସ୍ଥାର ଜଣେ କର୍ମଚାରୀ ଗୌରାଙ୍ଗଙ୍କୁ ମିଶ୍ରିତ ଚାଷ କରି ଉଦ୍ୟାନ ବିଭାଗର ସହାୟତା ନେବାକୁ ପରାମର୍ଶ ଦେଇଥିଲେ। ଏହାପରେ ପ୍ରାୟ ୭ଏକର ଜମି ଲିଜ୍‌ରେ ନେଇ ଗୌରାଙ୍ଗ ଆରମ୍ଭ କଲେ ବ୍ରୋକଲି, ପୋଟଳ, କଲରା, ମକା, ମିର୍ଚ୍ଚି, ଆଳୁ, ବରବଟି, ପାତଳଘଣ୍ଟା ଚାଷ। ଉଦ୍ୟାନ ବିଭାଗ ପରାମର୍ଶରେ ବୈଦେହୀ–ଗୌରାଙ୍ଗ ପାଲଟି ଯାଆନ୍ତି ସଫଳ ଚାଷୀ। ଜୀବାମୃତ, ନିମ୍ବାସ୍ତ୍ର, ଅଗ୍ନାସ୍ତ୍ର ପ୍ରୟୋଗ ସହ ଜୈବିକ ଚାଷରେ ସେମାନଙ୍କୁ ଅତ୍ୟଧିକ ସଫଳତା ମିଳିଲା।

ଗୌରାଙ୍ଗଙ୍କ କହିବାନୁସାରେ ଅଧ ଏକରରୁ କମ୍ ଜମିରେ କେବଳ ବ୍ରୋକଲି ଚାଷରୁ ସେ ପାଇଛନ୍ତି ୧ଲକ୍ଷ ୬୦ ହଜାର ଟଙ୍କା। ମିର୍ଚ୍ଚି ଚାଷରୁ ୪୦ ହଜାର, ପୋଟଳରୁ ୧ ଲକ୍ଷ ଏବଂ ବରବଟିରୁ ୬୦ହଜାର ଟଙ୍କା ପାଇଛନ୍ତି। ବଡପୁଅ କମଳାକାନ୍ତ ଏବେ ଟିଟିଲାଗଡ ଡିଏଭି କଲେଜରେ ଯୁକ୍ତଦୁଇ, ମଝିଆଁ ପୁଅ କୁବେର ଯୁକ୍ତଦୁଇ ପ୍ରଥମ ବର୍ଷ ଛାତ୍ର ଓ ସାନପୁଅ ମୋହିତ ଦଶମ ଶ୍ରେଣୀରେ ଅଧ୍ୟୟନରତ। ଗତବର୍ଷ ଗୌରାଙ୍ଗଙ୍କ ବାପାଙ୍କ ପରଲୋକ ହୋଇଯାଇଛି। ଏବେ ସେମାନଙ୍କ ସହ କେବଳ ମା' ଅଛନ୍ତି। ସକାଳୁ ବୈଦେହୀ ଓ ସେ ଘରୁ କ୍ଷେତକୁ ବାହାରି ଯାଆନ୍ତି। ଚାଷ ଜମିରେ କରନ୍ତି ରୋଷେଇ। ଜୈବିକ ଚାଷ କରି ଏହି ଦମ୍ପତି ଏବେ ସାଜିଛନ୍ତି ପ୍ରେରଣାର ଉତ୍ସ। ଜିଲାର ଅନ୍ୟାନ୍ୟ ଅଞ୍ଚଳ ସହ ବାହାର ଜିଲାର ଚାଷୀ ଏବେ ତାଙ୍କ କିଆରିକୁ ଏକ୍ସପୋଜର ଭିଜିଟ୍‌ରେ ଆସୁଛନ୍ତି। ଜିଲା ଉଦ୍ୟାନ ବିଭାଗ ଏବଂ ଜିଲା ପ୍ରଶାସନ ଏବେ ଶୁଷ୍କାଞ୍ଚଳର ଏଇ ସବୁଜ ଦମ୍ପତିଙ୍କୁ ନେଇ ଗର୍ବିତ। ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ କହିଛନ୍ତି ଯେ, ପ୍ରତିକୂଳ ପରିସ୍ଥିତିରେ ଚାଷ କରି ଗୌରାଙ୍ଗ ଓ ବୈଦେହୀ ଅନେକଙ୍କ ପାଇଁ ଉଦାହାରଣ ସୃଷ୍ଟି କରିଛନ୍ତି। ଜିଲା ତଥା ଜିଲା ବାହାରର ଅନେକ ଚାଷୀ ଏକ୍ସପୋଜର ଭିଜିଟ୍‌ରେ ଆସି ତାଙ୍କ ଚାଷ ଦେଖୁଛନ୍ତି । ଦିନେ ଦାଦନ ଯିବାକୁ ବାଧ ହୋଇଥିବା ଏହି ଦମ୍ପତି ଏବେ ଅନ୍ୟ ୪/୫ ଜଣ ଦିନ ମଜୁରିଆଙ୍କୁ ଦେଉଛନ୍ତି ସାମୟିକ ନିଯୁକ୍ତି ଓ ଅଗଣିତ ଚାଷୀଙ୍କ ପାଇଁ ସାଜିଛନ୍ତି ପ୍ରେରଣାର ଅନନ୍ୟ ଉତ୍ସ।

ରିପୋର୍ଟ: ବୀରେନ୍ଦ୍ର କୁମାର ଝାଙ୍କର


ମୁରିବାହାଲ ବ୍ଲକ୍ ତେତେଲଖୁଣ୍ଟି ଗ୍ରାମର ସଫଳ କୃଷି ଦମ୍ପତି ଗୌରାଙ୍ଗ ଓ ବୈଦେହୀ।

**■ ପ୍ରତିକୂଳ ପରିସ୍ଥିତିରେ ଚାଷ କରି ସୃଷ୍ଟି କରିଛନ୍ତି ଉଦାହାରଣ**

**■ ଦାଦନ ଖଟିବାକୁ ଯାଇଥିଲେ ରାୟପୁର**

### ଭେଣ୍ଡିଂଯୋନ୍ ନିର୍ମାଣରେ ଦୁର୍ନୀତି ଅଭିଯୋଗ ଆଣିଲା ବିଜେଡି

କଣ୍ଟାବାଞ୍ଜି, ୨୧।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି ଦ୍ୱାରା ସରକାରୀ ହସ୍ପିଟାଲ ନିକଟରେ ନିର୍ମାଣାଧୀନ ଭେଣ୍ଡିଂ ଯୋନରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ଆଣିଛି ସ୍ଥାନୀୟ ବିଜୁ ଜନତା ଦଳ । ବରିଷ୍ଠ ବିଜେଡି ନେତା ତଥା ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ ମଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ଏନଏସି ପକ୍ଷରୁ ୨୬ଟି ଭେଣ୍ଡି ଜୋନ ନିର୍ମାଣ କରାଯାଉଛି । ପ୍ରତ୍ୟେକ ଷ୍ଟଲ ପିଛା ୯୦ ହଜାର ଟଙ୍କା ବ୍ୟୟ ହେଉଥିବା କାଗଜ କଲମରେ ଦର୍ଶାଯାଉଥିବାବେଳେ ତାହାଠାରୁ କମ୍ ଯଙ୍କା ଖର୍ଚ୍ଚ କରାଯାଉଛି। ପ୍ରତ୍ୟେକ ଦୋକାନ ଘର ୫ଇଞ୍ଚ କାନ୍ଥରେ ନିର୍ମାଣ କରାଯାଇ ଅଧାରୁ ଟିଣ ଚଦର ଲଗାଯାଉଛି । ଏପରିକି ଦୋକାନରେ ଗ୍ରିଲ ଲଗାଯାଉ ନାହିଁ । ଏଣୁ ଦୋକାନ ଘରର ସ୍ଥାୟିତ୍ୱକୁ ନେଇ ଦଳ ପ୍ରଶ୍ନ କରିଛି। ଖବରଦାତା ସମ୍ମିଳନୀରେ ନଗର ଉପସଭାପତି ଦେବାର ବାରିକ, ବିଜେଡି ଯୁବ ସମ୍ପାଦକ ଶାନ୍ତନୁ ବିଭାର, ଜିଲା ସମ୍ପାଦକ ବିନୟ ବିଭାର ଉପସ୍ଥିତ ଥିଲେ। ବିଜେଡି ଅଭିଯୋଗ ଉପରେ ଏନଏସି ଇଞ୍ଜିନିୟର ଅଶୋକ ପଟ୍ଟନାୟକଙ୍କୁ ପଚାରିବାରୁ କୌଣସି ପ୍ରକାର ନିମ୍ନମାନର କାମ ହେଉନାହିଁ। ଗାଇଡ ଲାଇନ ଅନୁସାରେ ନିର୍ମାଣ କରାଯାଇଛି। ଭେଣ୍ଡିଂ ଯୋନ ସମ୍ପୂର୍ଣ୍ଣ ଅସ୍ଥାୟୀ ଷ୍ଟ୍ରକଚର ହୋଇଥିବାରୁ ମାଟି ତଳୁ ଟିଣ ବଦଳରେ ୫ଇଞ୍ଚର କାନ୍ଥ ଯୋଡାଯାଇଛି ବୋଲି କହିଛନ୍ତି।

## ନେତା, କର୍ମୀ ଶୃଙ୍ଖଳିତ ହେଲେ ଦଳ ଆଗକୁ ଯିବ


ଜିଲା କଂଗ୍ରେସର ଚିନ୍ତନ ଶିବିରରେ ଉପସ୍ଥିତ ନେତୃବର୍ଗ।

ବଲାଙ୍ଗୀର ଅଫିସ,୨୧।୬

**ବଲାଙ୍ଗୀର ଜିଲା କଂଗ୍ରେସର ଚିନ୍ତନ ବୈଠକ**

ସ୍ଥାନୀୟ ସୁଦପଡା କଲ୍ୟାଣ ମଣ୍ଡପରେ ମଙ୍ଗଳବାର ବଲାଙ୍ଗୀର ଜିଲା କଂଗ୍ରେସର ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଭାରତୀୟ ଜାତୀୟ କଂଗ୍ରେସର ଉତ୍ପତ୍ତି ଦେଶର ସ୍ୱାଧୀନତା ସଂଗ୍ରାମରୁ ହୋଇଥିଲା । ଏହି ଦଳ ଓ ଏହାର ନେତାଙ୍କ ତ୍ୟାଗ, ବଳିଦାନ ଓ ଶୃଙ୍ଖଳା ଭାରତବର୍ଷକୁ ଉନ୍ନତି ଓ ବିକାଶର ଦିଗ ଦେଖାଇଥିଲା । ଦଳର ତ୍ୟାଗ ଓ ବଳିଦାନ ଯୋଗୁଁ ଆଜି ଆମ ଦେଶ ସାରା ବିଶ୍ୱରେ ଏକ ଶକ୍ତିଶାଳି ଦେଶ ରୂପେ ଉଭା ହୋଇଛି । କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଦଳୀୟ ବିଶୃଙ୍ଖଳ ଓ ସଚେତନତାର ଅଭାବ ଯୋଗୁଁ ଦଳର ଅଧୋଗତି ହେଉଛି। କଂଗ୍ରେସ ଦଳ ବଞ୍ଚିଲେ ଏହି ଦେଶ ବଞ୍ଚିବ। ଏହା ଦଳର ସବୁନେତା ଓ କର୍ମୀ ବୁଝିବା ଆବଶ୍ୟକ ବୋଲି କହିଥିଲେ। ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚିନ୍ତନ ବୈଠକରେ ପର୍ଯବେକ୍ଷକଭାବେ ଯୋଗ ଦେଇଥିଲେ ରାଜ୍ୟ କିଶାନ ସେଲ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ। ରାଜ୍ୟ ସମ୍ପାଦକ ଉମାଶଙ୍କର ପଣ୍ଡା, ଉପସଭାପତି ଇଂ ରମେଶ ପୁରୋହିତ, ସନ୍ତକ ବହିଦାର, କ୍ଷୀରସାଗର ବର୍ମା, ଜିଲା ସେବାଦଳ ମୁଖ୍ୟ ଅସୀତ ମିଶ୍ର, କିଶାନ ସେଲ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ସଇଁତଳା ବ୍ଲକ ସଭାପତି ଗୁଣସାଗର ମାଝି, ଦେଓଗାଁ ବ୍ଲକ ସଭାପତି ରାମଜୀ ଚୌଧୁରି, ଆଗଲପୁର ବ୍ଲକ ସଭାପତି ମନମୋହନ ପଟେଲ, ରାଜ୍ୟ କିଶାନ ସେଲ ସଭାପତି ସରୋଜ ରଥ, ଟାଉନ କଂଗ୍ରେସ ସଭାପତି ବୁଲୁ ଦାନି, ଦେଓଗାଁ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ଗଣେଶ ସାହୁ, କାନ୍ତେଶ୍ୱର ପଧାନ, ମୟ ପ୍ରଧାନୀ ବକ୍ତବ୍ୟ ରଖିଥିଲେ। ଚିନ୍ତନ ବୈଠକରେ ଜିଲାର ସମସ୍ତ ବ୍ଲକରୁ କଂଗ୍ରେସ ନେତୃବୃନ୍ଦ ଯୋଗଦେଇଥିଲେ ।

### ସୁସ୍ଥତା ପାଇଁ ଯୋଗ ଅପରିହାର୍ଯ୍ୟ

ଲୋଇସିଂହା,୨୧।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ଓ ପତଞ୍ଜଳି ଯୋଗ ସମିତି ମିଳିତ ଆନୁକୂଲ୍ୟରେ ଶିଶୁ ମନ୍ଦିର ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ଶିଶୁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ବିମଳ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ସାମାଜିକ ସୁସ୍ଥତା ପାଇଁ ଯୋଗ ଅପରିହାର୍ଯ୍ୟ ବୋଲି ମୁଖ୍ୟଅତିଥି ମହାଲିଙ୍ଗ କହିଥିଲେ। ମୁଖ୍ୟବକ୍ତା ପ୍ରଧାନଆଚାର୍ଯ୍ୟ ସନାତନ ମିଶ୍ର ନିୟମିତ ଓ ବ୍ୟବସ୍ଥିତ ଯୋଗ କରିବାକୁ ପରାମର୍ଶ ଦେଇଥିଲେ । ବଲାଙ୍ଗୀର ଜିଲା ପତଞ୍ଜଳି ପ୍ରଭାରୀ ଅଶୋକ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ଲୋଇସିଂହା ତହସିଲ ପ୍ରଭାରୀ ରାମଚନ୍ଦ୍ର ସାହୁ, ବୈବଶୁତ ବିଶ୍ୱାଳ, ମକାରୁ ଧରୁଆ, ନୀଳାଞ୍ଚଳ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସୁଶାନ୍ତ ବାରିକ ଓ ମହେଶ କରଙ୍କୁ ପତଞ୍ଜଳି ଯୋଗ ସମିତି ପକ୍ଷରୁ ସମ୍ମାନୀତ କରାଯାଇଥିଲା।

## କଳାହାଣ୍ଡି ଜିଲାକୁ ଶ୍ରେଷ୍ଠ କ୍ୟାମ୍ପୋରି ରାଜ୍ୟ ପୁରସ୍କାର



ରାଜ୍ୟପାଳ କଳାହାଣ୍ଡି ଜିଲାକୁ ଶ୍ରେଷ୍ଠ କ୍ୟାମ୍ପୋରି ରାଜ୍ୟ ପୁରସ୍କାର ପ୍ରଦାନ କରୁଛନ୍ତି।

ଭବାନୀପାଟଣା,୨୧।୬(ସ୍ୱ.ପ୍ର.)

ଓଡିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ (ଓଏସବିଏସଜି) ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜ ଭବନଠାରେ ଆୟୋଜିତ ରାଜ୍ୟ ପୁରସ୍କାର ଉତ୍ସବରେ କଳାହାଣ୍ଡି ଜିଲାକୁ ଶ୍ରେଷ୍ଠ କ୍ୟାମ୍ପୋରି ଜିଲା ଭାବରେ ପୁରସ୍କୃତ କରାଯାଇଛି। ଏହି ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କଳାହାଣ୍ଡି ଭାରତ ସ୍କାଉଟ ଓ ଗାଇଡ ମୁଖ୍ୟ କମିଶନର ତଥା ଜିଲା ମୁଖ୍ୟ ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର ଓ ଜିଲା ସମ୍ପାଦକ ତଥା ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର ପଣ୍ଡାଙ୍କୁ ପୁରସ୍କୃତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାର ୩୬ଜଣ ଛାତ୍ର ଓ ୭ଜଣ ଛାତ୍ରୀ ମଧ୍ୟ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର

କୋକସରା,୨୧।୬(ଡି.ଏନ.ଏ.)

**ଆବାସ ଗୃହ ସହାୟତା ପାଇଁ ବିଡିଓଙ୍କ ଦ୍ୱାରସ୍ଥ**

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ପାଣିଗାଁର ମକରଧଜ ମହାନ୍ତିଙ୍କ ଘର କାନ୍ଥ ସୋମବାର ରାତିରେ ହୋଇଥିବା ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ଫଳରେ ପରିବାର ଏବେ ଦୟନୀୟ ଅବସ୍ଥାରେ ଭଙ୍ଗା ଘରେ ଆଶ୍ରୟ ନେଇଛନ୍ତି। ମକରଧଜ ଗରିବ ହୋଇଥିବା ବେଳେ ପୂର୍ବରୁ ଅନେକ ଥର ଆବାସ ଘର ଖଣ୍ଡିଏ ପାଇଁ ପଞ୍ଚାୟତଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଆବାସ ଘର ଯୋଜନାରେ ସାମିଲ କରାଯାଇନାହିଁ। ସ୍ୱଚ୍ଛଳବର୍ଗ ଲୋକଙ୍କୁ ଆବାସ ଘର ମିଳୁଥିବା ବେଳେ ତାଙ୍କ ପ୍ରତି ପ୍ରଶାସନ ଅବିଚାର କାହିଁକି ବୋଲି ମକରଧଜଙ୍କ ସ୍ତ୍ରୀ ପୁଷ୍ପଲତା କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ସୋମବାର ରାତିରେ ବର୍ଷାରେ ଘର ଭାଙ୍ଗିବା ପରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଖବର ଦେଇଥିଲେ ମଧ୍ୟ ସେ ରିପୋର୍ଟ ନେବାକୁ ଆସି ନ ଥିବା ଜଣାପଡିଛି। ଅନ୍ୟପଟେ ପୁଷ୍ପଲତା ତାଙ୍କ ଦୁଇ ଛୁଆଙ୍କ ସହ ମଙ୍ଗଳବାର କୋକସରା ବିଡିଓ ମନୀଷା ଦାସ ଓ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କୁ ସାକ୍ଷାତ କରି ଆବାସ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗୁହାରି କରିଛନ୍ତି। ତାଙ୍କୁ ତୁରନ୍ତ ଆବାସ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି।


ଲଗାଣ ବର୍ଷାରେ ମକରଧଜ ମହାନ୍ତିଙ୍କ ଘର କାନ୍ଥ ଭାଙ୍ଗି ଯାଇଛି।

## ଯୋଗ ମାଧ୍ୟମରେ ସୁସ୍ଥତା, ଶାନ୍ତି ପ୍ରତିଷ୍ଠା ସମ୍ଭବ

ବଲାଙ୍ଗୀର ଅଫିସ, ୨୧।୬

ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯୋଗାସନ ପ୍ରତିଯୋଗିତା, ମାଗଣା ବିଏମ୍‌ଡି (ଅସ୍ଥି, ସାନ୍ଦ୍ରତା ପରୀକ୍ଷା) ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ପ୍ରାତଃକାଳୀନ ଯୋଗାଭ୍ୟାସ ଯୋଗାଚାର୍ଯ୍ୟ ମୁରଲୀଧର ମେହେର ଏବଂ ପ୍ରେମଶୀଳା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଦୂରଦର୍ଶନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମର ପ୍ରତ୍ୟକ୍ଷ ପ୍ରସାରଣ ହୋଇଥିଲା। ସାନ୍ଧ୍ୟକାଳୀନ ସଭାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯୋଗାଚାର୍ଯ୍ୟ ମୁରଲୀଧର ମେହେରଙ୍କୁ ସମ୍ମାନୀତ କରାଯାଇଥିଲା। ବିବିଧ କାର୍ଯ୍ୟକ୍ରମର ରୂପରେଖ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ମନୋଜ କୁମାର ସାହୁ, ସୀମାଦ୍ରୀ ଭୂଷଣ ନାୟକ, ଡା. ତନୁଚନ୍ଦ୍ର ମୋରାଇ, ଡା. ବୃନ୍ଦଦେବ ମିଶ୍ର, ଡା. ବିନୋଦ ଚନ୍ଦ୍ର ସିଂ, ଡା. ସୁଶାନ୍ତ କୁମାର ମେହେର, ଡା. ନିଗମାନନ୍ଦ ନନ୍ଦ, ଡା. ଗଣେଶ ମେହେର, ଡା. ଜ୍ୟୋତିରଞ୍ଜନ ମେହେର, ଡା. ଲିପ୍ସା ଦାସ, ଡା. ସ୍ନେହଲତା ପ୍ରଧାନ, ଡା. ବଳରାମ ପ୍ରଧାନ, ଡା. ଚନ୍ଦ୍ର ଶେଖର ସାମନ୍ତ ଏବଂ ଡା. ଅମ୍ବୁଜ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

ସେହିପରି ଆଇନ ମହାବିଦ୍ୟାଳୟ ପ୍ରାଙ୍ଗଣରେ ବଲାଙ୍ଗୀର ଯୋଗ ଶିବିର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ବରିଷ୍ଠ ସାଧକ ତଥା ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ ଯୋଗ ଗୁରୁ ଦୀନମଣି ପ୍ରଧାନ, ଶରୀର ସୁସ୍ଥତା ପାଇଁ ଉପଯୋଗୀ ବୋଲି କହିଥିଲେ। ମୁଖ୍ୟଅତିଥିଭାବେ ଯୋଗଦେଇ ୧୧ ଓଡ଼ିଶା ବାଟାଲିଅନ୍ ବଲାଙ୍ଗୀରର କମାଣ୍ଡିଂ ଅଫିସର କର୍ଣ୍ଣାଲ ରଞ୍ଜନ ଚକ୍ରବର୍ତ୍ତୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ନାଗରିକ କମିଟି ସଭାପତି ବେଲୋରସିଂ ଭୋଇ ଓ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ ପ୍ରଧାନ ଯୋଗ ଦେଇଥିଲେ । ଶିବିରରେ ବ୍ୟାଡମିଣ୍ଟନ ଗ୍ରୁପର ସୁରୁଲାଲ ମଟାରୀ ଓ କଳିଙ୍ଗ ମାର୍ସଲଆର୍ଟ ପ୍ରଶିକ୍ଷକ ପ୍ରଶାନ୍ତ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ବଲାଙ୍ଗୀର ଆୟୁର୍ବେଦ କଲେଜରେ ଅନୁଷ୍ଠିତ ଯୋଗ ଶିବିର।

**ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ**

ତରଭା,(ଡ଼ି.ଏନ.ଏ.): ତରଭା ବ୍ଲକର ସମସ୍ତ ୨୧ ପଞ୍ଚାୟତରେ ମଙ୍ଗଳବାର ସିଡ଼ିପିଓ ସବିତା ଦୋରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ, ନିର୍ବାଚିତ ପ୍ରତିନିଧି, ସୁପରଭାଇଜର ଓ ଆଶା କର୍ମୀମାନଙ୍କ ଉପସ୍ଥିତିରେ ସଭା ହୋଇଥିଲା। ଶିଶୁ ସୁରକ୍ଷା,, ବାଲ୍ୟ ବିବାହ ନିଷେଧ, ବିବାହ ସମୟରେ ପୁଅକୁ ୨୧ ଓ ଝିଅକୁ ୧୮ ବର୍ଷ, ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଅନାଥ ଶିଶୁଙ୍କ ଥଇଥାନ ଓ କିଶୋରୀ ମାତୃତ୍ୱ ପ୍ରଭୃତି ବିଷୟରେ ଆଲୋଚନା କରାଯାଇଥିଲା।

## ସଂକ୍ଷେପରେ

### ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ଉଲୁଣ୍ଡା,୨୧।୬(ଡ଼ି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ କଂଗ୍ରେସ ଓ ନଗର କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ସରକାରର ପ୍ରତିଶୋଧ ରାଜନୀତି ଓ କେନ୍ଦ୍ର ପୋଲିସର ବର୍ବରତା ପ୍ରତିବାଦରେ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି। ଜିଲା ସମ୍ପାଦକ ପ୍ରଭୁଦତ୍ତ ବସ୍ତିଆଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ଜିଲା ସଭାପତି ଗୌରୀଶ୍ୟାମ ପଣ୍ଡା, ନରସିଂହ ପଣ୍ଡା, କାହ୍ନୁଚରଣ ହାତୀ, ଦୟାନିଧି ସାହୁ, ସୁରେନ୍ଦ୍ର ମହାକୁର, ରାମଚନ୍ଦ୍ର ବାରିକ, ଭୋଳାନାଥ ସାଗର, ପଙ୍କଜ ସାଗର, ମନୋରଞ୍ଜନ ମହାକୁର, ନରେନ୍ଦ୍ର ପଣ୍ଡା, ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ବରପାଲି,୨୧।୬(ଡ଼ି.ଏନ.ଏ): ବରପାଲି ଥାନା ସର୍ଗିପାଲି ଗ୍ରାମରେ ବିଲରେ କାମ କରୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ସଦର ଥାନା ଅନ୍ତର୍ଗତ ନିଲେସର ଗ୍ରାମର ଅନିଲ ସାହୁ(୨୩)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ସୂଚନା ଅନୁସାରେ, ମଙ୍ଗଳବାର ସକାଳେ ଅନିଲ ସର୍ଗିପାଲି ଗ୍ରାମ ସ୍ଥିତ ନିଜ ବଡ଼ ଭଉଣୀ ଘରକୁ ଯାଇଥିଲେ ଏବଂ ସେଠାରେ ଭିଣୋଇଙ୍କ ବିଲରେ କାମ କରୁଥିବା କରୁଥିଲେ। ଏହି ସମୟରେ ଗୋଟିଏ ଗଛ ଡାଳ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡିବାରୁ ତାର ଛିଣ୍ଡିଯାଇଥିଲା ଏବଂ ଅନିଲ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବରପାଲି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରକ୍ ଧକ୍କାରେ ଯୁବକ ମୃତ, ଭାଇ ଗୁରୁତର

ସୋନପୁର,୨୧।୬(ନି.ପ୍ର): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସୋନପୁର ଥାନା କୁଲିପାଲିଠାରେ ମଙ୍ଗଳବାର ଏକ ସଡକ ଦୁର୍ଘଟଣା ଘଟିଛି। ମିନିଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସୋନପୁର ସହର ଟିକିରିପଡାର ଅଭିନବ ଗୁରୁ(୧୮)। ସେହିପରି ଅଭିନବଙ୍କ ମାଉସୀ ପୁଅ ଭାଇ ରଶ୍ମିରଞ୍ଜନ ମିଶ୍ର(୧୯) ଗୁରୁତର ଆହତ ହୋଇଛନ୍ତି। ରଶ୍ମିରଞ୍ଜନଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଜଣାଶୁଣା କ୍ୟାମେରାମ୍ୟାନ ଅଭିନବ ଓ ରଶ୍ମିରଞ୍ଜନ ବାଇକ୍‌ରେ ସୋନପୁରରୁ ଖାରୀ ଅଭିମୁଖେ ଯାଉଥିବା ବେଳେ ବଲାଙ୍ଗୀର ପଟୁ ଆସୁଥିବା ଟ୍ରକ ନମ୍ବର ଓଆର୦୩ସି-୩୨୨୫ଧକ୍କା ଦେଇଥିଲା। ଦୁହେଁ ରାସ୍ତାପାର୍ଶ୍ୱକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକ ଯୁବକ ଦ୍ୱୟଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ଅଭିନବଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରକ୍‌ର ଚକ ହଠାତ୍ ଫାଟି ଯିବାରୁ ଡ୍ରାଇଭର ନିଜର ଭାରସାମ୍ୟ ହରାଇ ବସିଥିଲେ। ଫଳରେ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ବୁଧବାର ଅଭିନବଙ୍କ ମୃତ ଦେହ ବ୍ୟବଚ୍ଛେଦ କରାଯିବ।

# ରାସ୍ତା ନିର୍ମାଣ ଦାବିରେ ଧାରଣା

ବୌଦ୍ଧ,୨୧।୬(ସ୍ୱ.ପ୍ର.)



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତର ପୁରୁଣାପାଣି-ଖଇରମାଲ ରାସ୍ତା ନିର୍ମାଣ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଟାଣ ଖରାରେ ଦୀର୍ଘ ସମୟ ଧରି ଧାରଣାରେ ବସି ରହିବା ଯୋଗୁ ଦୁଇ ଜଣ ମହିଳା ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନିଆଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ବୌଦ୍ଧ ଜିଲାରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବା ବେଳେ ସାଧାରଣ ଲୋକ ଏହାକୁ ସ୍ୱାଗତ କରିଛନ୍ତି। ଗ୍ରାମାଞ୍ଚଳର ଲୋକ ରେଳ ପ୍ରକଳ୍ପ ନିର୍ମାଣ କରୁଥିବା ସଂସ୍ଥାଗୁଡିକୁ ମଧ୍ୟ ସହଯୋଗ କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ଜିଲାର ପୁରୁଣାପାଣି ଗ୍ରାମବାସୀ ରେଳପ୍ରକଳ୍ପ ନିର୍ମାଣକୁ ସ୍ୱାଗତ କରୁଥିଲେ ହେଁ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ରାସ୍ତା ତୁରନ୍ତ ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି। ପୁରୁଣାପାଣି ଓ ଖଇରମାଲ ରାସ୍ତା ଉପରେ ରେଳଲାଇନ ନିର୍ମାଣ କରାଯାଉଥିବା ବେଳେ ଏହି ରାସ୍ତା ଦେଇ ପ୍ରତିଦିନ ଯାତାୟାତ କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପୁରୁଣାପାଣି ଗ୍ରାମ ନିକଟ ଦେଇ ରେଳଲାଇନ ନିର୍ମାଣ କରାଯାଉଥିବା ବେଳେ ଗ୍ରାମବାସୀଙ୍କ ଜମିବାଡି ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଅନେକ ଗ୍ରାମବାସୀଙ୍କ ଜମିବାଡି ଗ୍ରାମଠାରୁ କିଛି ଦୂରରେ ରହିଥିବା ବେଳେ ଜମି ଓ ଗ୍ରାମ ମଧ୍ୟରେ ରେଳ ଲାଇନ ନିର୍ମାଣ ଯୋଗୁ ଜମିକୁ ଯିବାକୁ ଆଉ ଅନ୍ୟ କୌଣସି ରାସ୍ତା ନାହିଁ। ତେଣୁ ଗ୍ରାମବାସୀ ରେଳ ଲାଇନ ନିର୍ମାଣ କରୁଥିବା ଠିକା ସଂସ୍ଥାକୁ ଜମିକୁ ଯିବା ପାଇଁ ରାସ୍ତା କରିବାକୁ ନିବେଦନ କରିଥିଲେ। ଏନେଇ ଠିକା ସଂସ୍ଥା ଓ ଗ୍ରାମବାସୀଙ୍କ ମଧ୍ୟରେ ଚୁକ୍ତି ହାଇଥିଲା। ତେବେ ରେଳ ଲାଇନ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତା ନିର୍ମାଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶେଷରେ ଗ୍ରାମବାସୀ ବାଧ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଧାରଣାସ୍ଥଳରେ ଶତାଧିକ ମହିଳା ଓ ପୁରୁଷ ବସି ରହିଥିବା ବେଳେ ଦୁଇଜଣ ମହିଳା ପ୍ରେମଶିଳା ସାହୁ ଓ ରଙ୍ଗବତୀ ସାହୁ ଟାଣ ଖରା ଯୋଗୁ ଅସୁସ୍ଥ ହୋଇପଡିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର ରାସ୍ତା ନିର୍ମାଣ କାମ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହର ଯାଇଥିଲେ।

**ଧାରଣାସ୍ଥଳରେ ଦୁଇ ମହିଳା ଅସୁସ୍ଥ**

# ଧାର୍ଯ୍ୟ ସମୟରେ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ

ଅମରପାଲି,୨୧।୬(ଡ଼ି.ଏନ.ଏ.)

ସୁବର୍ଣ୍ଣପୁର ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ନିହାର ରଞ୍ଜନ କହଁର ବୀରମହାରାଜପୁର ଗସ୍ତରେ ଆସି ମଙ୍ଗଳବାର ବ୍ଲକ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ବୈଠକରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମୀଣ ଆବାସ ଯୋଜନା, ଓଡିଶା ଜୀବନ ଜୀବିକା ମିଶନ, ସ୍ୱଚ୍ଛ ଭାରତ ମିଶନ, ରାଜ୍ୟ ଅର୍ଥ ଆୟୋଗ ଓ କେନ୍ଦ୍ର ଅର୍ଥ ଆୟୋଗ ଦ୍ୱାରା ଆବଣ୍ଟିତ ଅର୍ଥର ସୁବିନିଯୋଗ ଉପରେ ବିଭାଗୀୟ କର୍ମଚାରୀଙ୍କୁ ପଚାରି ବୁଝିଥିଲେ। କାର୍ଯ୍ୟର ସ୍ଥିତି ଓ ଅଗ୍ରଗତିର ସମୀକ୍ଷା କରିଥିଲେ। ସରକାରଙ୍କ ପ୍ରତ୍ୟେକ ଯୋଜନାର ସୁଫଳ ଯେପରି ତୃଣମୂଳସ୍ତରରେ ଯୋଗ୍ୟ ହିତାଧିକାରୀ ପାଇପାରିବେ ସେଥିପ୍ରତି ବିଶେଷ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ବ୍ଲକସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ପିଡି କହଁର। ଓଡିଶା ଜୀବିକା ମିଶନ ଜରିଆରେ ଅଧିକରୁ ଅଧିକଯୋଗ୍ୟ ହିତାଧିକାରୀ ସାମିଲ କରି ଗ୍ରାମୀଣ ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଶ୍ରମ ଦିବସ ଲକ୍ଷ୍ୟ ଧାର୍ଯ୍ୟକୁ ସମୟ ଅବଧି ମଧ୍ୟରେ ପୂରଣ କରିବାକୁ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମୀଣ ଆବାସ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟକୁ ଶତ ପ୍ରତିଶତ ପୂରଣ କରିବା ସହିତ ଆବାସ କାର୍ଯ୍ୟରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନାହିଁ ବୋଲି କହିଥିଲେ। ବ୍ଲକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ଓ ପ୍ରକଳ୍ପଗୁଡିକୁ ଅବଧି ମଧ୍ୟରେ ସାରି ଅର୍ଥ ବିନିଯୋଗ ପ୍ରମାଣ ପତ୍ର ନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବିଡିଓ ମୋତିଲାଲ ସୁଲିଆ, ଜିପିଇଓ ପ୍ରଦୀପ କୁମାର ବାଘ, ଡିଆରଡିଏ କାର୍ଯ୍ୟାଳୟ ବିଭିନ୍ନ ବିଭାଗର ବରିଷ୍ଠ କର୍ମଚାରୀ, ବ୍ଲକ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

**ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପ୍ରକଳ୍ପ ନିର୍ଦ୍ଦେଶକ**

# ‘ସୋସିଆଲ ମିଡିଆର ବହୁଳ ବ୍ୟବହାର କୁପ୍ରଭାବ ପକାଉଛି’

ବରଗଡ଼ ଅଫିସ୍,୨୧।୬



କର୍ମଶାଳାରେ ମଞ୍ଚାସୀନ ଆଲୋଚକବୃନ୍ଦ।

ବରଗଡ଼ର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ୍ ଅଫ୍ ଏଜୁକେଶନ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ ଜୟସ୍ୱାଲ ନେକୋ ଇଣ୍ଡଷ୍ଟ୍ରିଜ ଲିଃ, ରାୟପୁରର ଏଚ୍‌ଆର ପ୍ରେସିଡେଣ୍ଟ ଦିଲ୍ଲୀପ ମହାନ୍ତି, ଏଚ୍‌ଆର୍ ଜେନେରାଲ ମ୍ୟାନେଜର ସାଜି ଥୋମାସ୍, ପଣ୍ଡିତ ରବିଶଙ୍କର ଶୁକ୍ଲା ୟୁନିଭର୍ସିଟିର ଡା. ଶମା ହମଦାନୀ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ପର୍ଯ୍ୟାୟରେ ଡା. ହମଦାନୀ ସୋସିଆଲ ମିଡ଼ିଆର ବହୁଳ ବ୍ୟବହାର ଛାତ୍ରୀଛାତ୍ରଙ୍କ ଉପରେ କୁପ୍ରଭାବ ପକାଉଥିବା କହିଥିଲେ। ଏଥିଯୋଗୁ ଛାତ୍ରୀଛାତ୍ର ମାନସିକ ବିକାର ସମ୍ମୁଖୀନ ହେଉଥିବା ଏବଂ ଅଧ୍ୟୟନ କ୍ଷେତ୍ରରେ ଏହା ବିରାଟ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ଏ ନେଇ ଏକ ଗବେଷଣାତ୍ମକ ବିବରଣୀ ପ୍ରଦାନ କରି ଏହାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ସେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଜେନେରାଲ ମ୍ୟାନେଜର ଥୋମାସ୍ ଛାତ୍ର ଜୀବନରେ ସଫଳତାର ମୂଳତତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ତୃତୀୟ ପର୍ଯ୍ୟାୟରେ ଏଚ୍‌ଆର ପ୍ରେସିଡେଣ୍ଟ ମହାନ୍ତି ବିଫଳତାରୁ ମଣିଷ କିଭଳି ଶିକ୍ଷାଲାଭ କରିଥାଏ, ସେ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କର୍ମଶାଳାରେ ଅନୁଷ୍ଠାନର ଡିଗ୍ରୀ ଏବଂ ଡିପ୍ଲୋମା ଇଞ୍ଜିନିୟରିଂର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ଶିକ୍ଷାନୁଷ୍ଠାନ ସମୂହର ସମ୍ପାଦକ ତଥା ଡିପ୍ଲୋମା ଇଞ୍ଜିନିୟରିଂର ଅଧ୍ୟକ୍ଷ ଡଃ ତରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ଈଶ୍ୱରଧର ବଡ଼ଝାନ ସଂଯୋଜନା କରିଥିଲେ। ଟ୍ରେନିଂ ପ୍ଲେସମେଣ୍ଟ ଅଫିସର ଡଃ ଶେଖ୍ ଆବେଦ ହୁସେନ ସହଯୋଗ କରିଥିଲେ। ଡିଗ୍ରୀ ଇଞ୍ଜିନିୟରିଂର ଅଧ୍ୟକ୍ଷ ଡଃ ଭାରତ ଭୂଷଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳନ

ବୌଦ୍ଧ,୨୧।୬(ସ୍ୱପ୍ର)

ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି। ବୌଦ୍ଧ ଟାଉନହଲ ପରିସରର ଗୁରୁ ଭିକାରୀ ନାୟକ କଳାମଣ୍ଡପଠାରେ ନେହେରୁ ଯୁବକେନ୍ଦ୍ର , ଭାରତ ସ୍ୱାଭିମାନ ଟ୍ରଷ୍ଟ ଏବଂ ଜିଲାର ସମସ୍ତ ସାମାଜିକ ଓ ଆଧାତ୍ମିକ ଅନୁଷ୍ଠାନମାନଙ୍କୁ ନେଇ ମିଳିତ ଭାବେ ଯୋଗ ଦିବସ ପାଳନ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଯୋଗଦେଇ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍.ୱାଇ.କେ. ଅଧିକାରୀ ନବନୀତ କୁମାର, ସୂଚନା ଓ ଲୋକ ସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ, ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିପ୍ର ଚରଣ ମହାନ୍ତି, ଅବସରପ୍ରାପ୍ତ ଅଧକ୍ଷ ଡମ୍ବରଧର ଭୋଇ, ସୂର୍ଯ୍ୟକାନ୍ତ ଦଳବେହେରା, ସଂଘ ପରିବାରର ଲକ୍ଷ୍ମଣ ଭାଇ ପ୍ରମୁଖ ଯୋଗଦାନ କରିଥିଲେ। ଯୋଗ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର, ଶିକ୍ଷକ ପଦ୍ମଚରଣ ମେହେର ଯୋଗାଭ୍ୟାସ କରାଇଥିବା ବେଳେ ମୁଖ୍ୟ ଯୋଗ ଶିକ୍ଷକ ତଥା ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲା ପ୍ରଭାରୀ ଦେବାଶିଷ ପୁରୋହିତ ସଂଯୋଜନା କରିଥିଲେ। ବୌଦ୍ଧ ଜିଲା କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗ ସମିତିର ଜିଲା ପ୍ରଭାରୀ ହୃଷିକେଶ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବାଶିଷ ପୁରୋହିତ, ସୁଶାନ୍ତ ମହାପାତ୍ର, ଦିଲିପ କୁମାର ଚୌଧୁରୀ ଯୋଗାଭ୍ୟାସ କରାଇଥିଲେ। ଶିଳ୍ପ ତାଲିମ କେନ୍ଦ୍ରରେ ଯୋଗ ଶିକ୍ଷକ ନଟବର ଅଗ୍ରୱାଲା ଯୋଗ ପ୍ରଶିକ୍ଷଣ ଅଭ୍ୟାସ କରାଇଥିଲେ।

# କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ମାରକପତ୍ର ପ୍ରଦାନ



ଜିଲା ମୁସଲିମ କମିଟି ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ବରଗଡ଼ ଅଫିସ୍,୨୧।୬

ବରଗଡ଼ ଜିଲା ମୁସଲିମ କମିଟି ପକ୍ଷରୁ ରାଷ୍ଟ୍ରପତି ଏବଂ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଭାଜପାର ମୁଖପାତ୍ର ନୂପୁର ଶର୍ମା, ନବୀନ କୁମାର ଜିନ୍ଦଲ ତଥା ମୁସଲମାନଙ୍କ ଉପରେ ଅନାବଶ୍ୟକ ମନ୍ତବ୍ୟ ଦେଉଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରାଯାଇଛି।

ସ୍ମାରକପତ୍ରରେ ଆହୁରି ଉଲ୍ଲେଖ ରହିଛି, ବିବିଧତା ମଧ୍ୟରେ ଏକତାର ଦେଶ ଭାବେ ଭାରତ ସାରା ବିଶ୍ୱବିଦିତ। କିନ୍ତୁ ଗତ କିଛିବର୍ଷ ଧରି ଦେଶରେ ଘୃଣା ବିସ୍ତାର କରି ଦେଶର ଆତ୍ମାକୁ ଆଘାତ ଦେବା ଏବଂ ଦେଶରେ ସାମ୍ପ୍ରଦାୟିକ ସମନ୍ୱୟକୁ ଭଣ୍ଡୁର କରିବା ପାଇଁ ପ୍ରୟାସ କରାଯାଉଛି। ଭାଜପାର ମୁଖପାତ୍ର ନୂପୁର ଶର୍ମା, ନବୀନ କୁମାର ଜିନ୍ଦଲଙ୍କ ଅପମାନଜନକ ମନ୍ତବ୍ୟ ଦେଶବାସୀଙ୍କୁ ବ୍ୟଥିତ କରିଛି। ଏଭଳି ସ୍ଥଳେ ଭାଜପା ନୂପୁର ଏବଂ ନବୀନଙ୍କୁ ଦଳରୁ ବାହାର ରାସ୍ତା ଦେଖାଇଛନ୍ତି। ମାତ୍ର ସେଭଳି କାର୍ଯ୍ୟାନୁଷ୍ଠାନ ପର୍ଯ୍ୟାପ୍ତ ନୁହେଁ। ଉଭୟଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ମୁସଲିମ କମିଟି ଦାବି କରିଛି। ଜିଲା ମୁସଲିମ କମିଟି ସଭାପତି ଶେକ୍ ନଜିମୁଦ୍ଦିନଙ୍କ ନେତୃତ୍ୱରେ ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ।

**ମୁସଲମାନଙ୍କ ଉପରେ ଅନାବଶ୍ୟକ ମନ୍ତବ୍ୟ ପ୍ରସଙ୍ଗ**

# ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ବରଗଡ଼ ଖେଳାଳି

ବରଗଡ଼ ଅଫିସ୍,୨୧।୬




ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି।

ସ୍ୱତନ୍ତ୍ର ଅଲିମ୍ପିକ୍ସ ପକ୍ଷରୁ ଆୟୋଜିତ ନ୍ୟାଶନାଲ ଚାମ୍ପିୟନଶିପ୍-୨୦୨୨ରେ ବରଗଡ଼ ଜିଲାର ୫ଜଣିଆ ଫ୍ୟୁଟ୍‌ସାଲ୍ ଟିମ୍ (ଏକ ନୂତନ ପ୍ରକାର ଖେଳ) ଭାଗ ନେଇଛନ୍ତି । ଏଥିରେ ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ୩ ଛାତ୍ର ଅମ୍ରିତ ଭୋଇ, ତୁଷାର ପାତ୍ର, ସୁମନ ବିଶିଙ୍କ ସମେତ ବରପାଲି ସ୍ଥିତ ସରସ୍ୱତୀ ଭୋକେଶନାଲ ଅନୁଷ୍ଠାନର ସଚିନ ବାରିକ ଏବଂ ଅମନ ପଟେଲ ରହିଛନ୍ତି। ସୋମବାର ଉକ୍ତ ପ୍ରତିଭାମାନେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରୁ ସେଠାକୁ ବାହାରିଥିଲେ। ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ, ପ୍ରଧାନଶିକ୍ଷକ ମେଘନାଦ ସାହୁ, କିଶୋର ଚନ୍ଦ୍ର ସାହୁ, ବରିଷ୍ଠ ଶିକ୍ଷକ ନେପାଳ ଦୁଆନ, ଗୁଣନିଧି ସାହୁ, ଦୁଃଖିସେବକ ସାହୁ, ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଗୁଜୁରାଟ ଗାନ୍ଧୀନଗରରେ ନ୍ୟାଶନାଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ଶ୍ରେଣୀ କୋଠରି ନ ହେଲେ ଆନ୍ଦୋଳନ

ବରଗଡ଼ ଅଫିସ୍,୨୧।୬

ବରଗଡ଼ ଜିଲା ଭଟଲି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏପର୍ଯ୍ୟନ୍ତ ଶ୍ରେଣୀ କୋଠରୀ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଦୀର୍ଘଦିନ ହେଲା ତାହା ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସ୍ଥାନୀୟ ଅଭିଭାବକମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଭଟଲି ବିଡ଼ିଓ ଧୀରେନ୍ଦ୍ର ସେଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୨୦ ମସିହାରୁ ଭଟଲିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇଛି। ଶ୍ରେଣୀଗୃହ ଅସମ୍ପୂର୍ଣ୍ଣ ଯୋଗୁ ଛାତ୍ରୀଛାତ୍ରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ପାଠପଢ଼ା ମଧ୍ୟ ବାଧାପ୍ରାପ୍ତ ହେଉଛି। ଆସନ୍ତା ୭ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଅଭିଭାବକମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଯୋଗ ଭାରତର ପ୍ରାଚୀନ ସଂସ୍କୃତି, ପରମ୍ପରା

ସୋନପୁର,୨୧।୬(ନି.ପ୍ର)

ଯୋଗ ଭାରତର ପ୍ରାଚୀନ ସଂସ୍କୃତି ଓ ପରମ୍ପରା। ଭାରତର ଏହା ବିଶ୍ୱକୁ ବଡ ଅବଦାନ ବୋଲି ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାପାଳ ଅବୋଲି ସୁନିଲ ନରୱଣେ ମତପ୍ରକାଶ କରିଛନ୍ତି। ଜିଲାପାଳ କହିଥିଲେ ଯେ ଯୋଗ ଓ ପ୍ରାଣାୟାମ ଶାରୀରିକ ଓ ମାନସିକ ସ୍ତରରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଜିଲା ପ୍ରଶାସନ, ସନ୍ଥ ଭୀମଭୋଇ ଟ୍ରଷ୍ଟ, ଯୋଗ ମହୋତ୍ସବ ସମିତି ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହଯୋଗରେ ଏହି ଦିବସ ପାଳନ ହୋଇଥିଲା। ଜିଲାପାଳ ନରୱଣେ, ପିଡି ଡିଆରଡିଏ ନିହାର ରଞ୍ଜନ କହଁର, ଜିଲା କ୍ରୀଡା ଅଧିକାରୀ ଅଭିଳାଶ ପୁରୋହିତ ପ୍ରମୁଖ ଶିବିରରେ ଯୋଗାଭ୍ୟାସ କରିଥିଲେ। ରଶ୍ମି ରଞ୍ଜନ ଦାଶ, ଜୟଦ୍ରଥ ଜଗଦଲା, ସଞ୍ଜୟ ମହାପାତ୍ର, ହରିହର ଶତପଥୀ, ମନୋଜ ପଣ୍ଡା, ନିରଞ୍ଜନ ତ୍ରିପାଠୀ, କାହ୍ନୁଚରଣ ସାହୁ, ଆଶିଷ ଅଗ୍ରୱାଲା, ଦିଲ୍ଲିପ ତ୍ରିପାଠୀ ଓ ଦୟାନନ୍ଦ ପବ୍ଲିକ୍ ସ୍କୁଲର କର୍ମକର୍ତ୍ତା ସହଯୋଗ କରିଥିଲେ। ଭାରତ ସ୍ୱାଭିମାନ ଓ ପତଞ୍ଜଳି ଯୋଗ ସମିତି ପକ୍ଷରୁ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଗୋରେଖନାଥ ସାହୁ, ପ୍ରଫେସର ଶମ୍ଭୁଭୂଷଣ ପଣ୍ଡା, ନାରାୟଣ ପ୍ରସାଦ ରାୟଗୁରୁ, ପଙ୍କଜ କୁମାର ମେହେର, ମୀନା ମହାରଣା, ପ୍ରତାପ କେଶରୀ ରାୟଗୁରୁ, ଭଗବତୀ ରାୟଗୁରୁ, ଦିଲ୍ଲିପ କୁମାର ରଥ, ସତ୍ୟନାରାୟଣ ବସ୍ତିଆ ପ୍ରମୁଖ ଯୋଗଦାନ କରି ନିୟମିତ ଯୋଗାଭ୍ୟାସ ଶରୀର ଓ ମନକୁ ସୁସ୍ଥ ରଖିଥାଏ ବୋଲି କହିଥିଲେ।



ସଂସ୍କୃତି ଭବନ ପରିସରରେ ଆୟୋଜିତ ଯୋଗ ଦିବସରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଯୋଗ ଅଭ୍ୟାସ କରୁଛନ୍ତି।

# ଯୋଗରେ ରହିଛି ନୀରୋଗ ମନ୍ତ୍ର

ବରଗଡ଼ ଅଫିସ୍,୨୧।୬




ବିକାଶ ଶିକ୍ଷାନୁଷ୍ଠାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପଳନ କରାଯାଉଛି।

ବରଗଡ଼ ସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିକାଶ ଅଡ଼ିଟୋରିୟମରେ ମଙ୍ଗଳବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ବିକାଶ ଶିକ୍ଷାନୁଷ୍ଠାର ଅଧକ୍ଷ ଡି. ମୁରଲିକ୍ରୀଷ୍ଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଗ ଜୀବନକୁ ସୁସ୍ଥ, ସବଳ ଏବଂ ମଧୁମୟ କରିଥାଏ ବୋଲି କହିଥିଲେ। ଏଥିରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଯୋଗଦାନ କରିଥିଲେ। ବିକାଶ ଶିକ୍ଷାନୁଷ୍ଠାନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଯୋଗଦେଇ ଦୈନିକ ପ୍ରାତଃ ସମୟରେ ଅଧ ଘଣ୍ଟା ଯୋଗାଭ୍ୟାସ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଆଡ଼ମିନିଷ୍ଟ୍ରେଟର ଏସ୍. କାନ୍ତାରାଓ, ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରଗଡ଼ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନରେ ଅନୁଷ୍ଠିତ ଯୋଗ ଦିବସରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଯୋଗକୁ ନିଜ ଦୈନନ୍ଦିନ ଜୀବନର ଏକ ପ୍ରମୁଖ ଅଙ୍ଗ ଭାବେ ଗ୍ରହଣ କରିବା ପାଇଁ ଅଧ୍ୟାପିକା, ଅଧ୍ୟାପକବୃନ୍ଦ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଶଶାଙ୍କ ଶେଖର ଭୋଇ, ପ୍ରଶାନ୍ତ ସାହୁ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ପି.କେ.ଏ.ଆଇ.ଆଇ.ଟିର ଅଧ୍ୟକ୍ଷ ଡଃ ତରୁଣ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଡିଗ୍ରୀ ଇଞ୍ଜିନିୟରିଂର ଅଧ୍ୟକ୍ଷ ଡଃ ଭାରତ ଭୂଷଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ପଞ୍ଚାୟତ କଲେଜ ସ୍ଥିତ ବିଜୁ ପଟ୍ଟନାୟକ ରଙ୍ଗମଞ୍ଚରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଏଥିରେ ବରଗଡ଼ ପଞ୍ଚାୟତ କଲେଜର ଏନଏସଏସ୍, କୋଶଲ ଫିଜିକାଲ ଏକାଡ଼େମୀ, ବିଭିନ୍ନ ସଙ୍ଗଠନର ପ୍ରତିନିଧି ଏବଂ ପଞ୍ଚାୟତ କଲେଜର କର୍ମଚାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ ଅତିଥିଭାବେ ଯୋଗଦାନ କରିଥିଲେ। ଯୋଗଗୁରୁ ତାପସ ରଞ୍ଜନ ପ୍ରଧାନ ପ୍ରଶିକ୍ଷଣ ଦେଇଥିଲେ। ସଞ୍ଜିତ କୁମାର ବିଶ୍ୱାଳ, ସୁଶିଲ ମାହାର, ଡଃ ରମେଶ ଚନ୍ଦ୍ର ପୋଢ଼, ଚିତ୍ତରଞ୍ଜନ ଶର୍ମା, ସୁରେଶ କୁମାର ଦାଶ ସହଯୋଗ କରିଥିଲେ। ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ଶିକ୍ଷକ ଡାକ୍ତର ଭୋଇଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳିତ ହୋଇଥିଲା। ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତ ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ପ୍ରଦାନ କରିବା ସହିତ ଯୋଗର ସଂସ୍କୃତ ସମ୍ମତ ଉପାଦେୟତା ଉପରେ ଅବଗତ କରିଥିଲେ। ଆର୍ଟ ଅଫ ଲିଭିଂ ଏବଂ ଜେସିଆଇର ମିଳିତ ପ୍ରୟାସରେ ବରଗଡ଼ ତପୋବନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗୁରୁ ଭୀଷ୍ମ ଖମାରୀ ସଂଯୋଜନା କରିଥିଲେ। ତୀର୍ଥବାସୀ ଦେବତା, ବିଜୟ ଶର୍ମା, ବିବେକ ବେରଲିୟା ପ୍ରମୁଖ ଯୋଗ ପ୍ରଶିକ୍ଷଣ ଦେଇଥିଲେ।

